ନିତିଦିନ
NITIDIN
ବୁଧବାର, ୧୬ ସେପ୍ଟେମ୍ବର ୨୦୨୦

# ରଘୁବଂଶ ଓ ରାମରାଜ୍ୟ

ଭାରତୀୟ ପୁରାଣ ଶାସ୍ତ୍ରରେ ରଘୁବଂଶର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଆମକୁ ଯେଉଁ ରାମରାଜ୍ୟର କଥା କୁହା ଯାଇଥାଏ, ତହିଁରେ ଏହି ରଘୁବଂଶରେ ଜନ୍ମଗ୍ରହଣ କରିଥିବା ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କ ଶାସନ କାଳର କଥାକୁ ହିଁ ସ୍ମରଣ କରା ଯାଇଥାଏ । ତେବେ ସେ ସମୟର ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିବା ବଂଶର ନାମ ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ, ବିହାରର ରାଷ୍ଟ୍ରୀୟ ଜନତା ଦଳ ନେତା ରଘୁବଂଶ ପ୍ରସାଦ ସିଂହ କିପରି ତାଙ୍କ ନାମର ଯଥାର୍ଥତା ପ୍ରତିପାଦନ କରି ପାରିଥିଲେ, ତାହା ଦର୍ଶାଇବା । ଏହି ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଗତ ରବିବାର ଦିନ ନୂଆଦିଲ୍ଲୀସ୍ଥିତ ଏମ୍ସ୍ (ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍)ରେ କୋଭିଡ୍-୧୯ ସହିତ ସଂଶ୍ଳିଷ୍ଟ ରୋଗରେ ଚିକିତ୍ସିତ ହେବା ଅବସ୍ଥାରେ ମାତ୍ର ୭୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ତେବେ ତାଙ୍କର କୀର୍ତ୍ତି ଆଜି ଏଇ ଭୟଙ୍କର ମହାମାରୀ ପ୍ରପୀଡ଼ିତ ଭାରତବର୍ଷର ଲକ୍ଷ ଲକ୍ଷ ଗ୍ରାମାଞ୍ଚଳ ଅଧିବାସୀଙ୍କ ପାଇଁ ଜୀବନ ଜୀବିକାର ଉତ୍ସ ହୋଇ ରହିଛି । କହିବାର କାରଣ, ତାଙ୍କର କାର୍ଯ୍ୟ ଆଜି ପ୍ରମାଣିତ କରି ପାରିଛି ଯେ କିପରି ଜଣେ ଭବିଷ୍ୟଦ୍ରଷ୍ଟା, ତୃଣମୂଳ ସ୍ତରର ନେତା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଲକ୍ଷ ଲକ୍ଷ ଗରିବ ଶ୍ରମଜୀବୀ ଅଧିବାସୀଙ୍କ ଜୀବନକୁ ପ୍ରଭାବିତ କରି ପାରନ୍ତି, ଅଥଚ ନିଜର ଏହି କୃତିତ୍ୱ ପାଇଁ ପ୍ରଚାର ପ୍ରସାରର ଅଭୂତପୂର୍ବ ଉନ୍ନତି ଘଟିଥିବା ଯୁଗରେ ତଥାପି ପରଦା ପଛରେ ନିଜକୁ ରଖି ପାରନ୍ତି, ତାହା ଦର୍ଶାଇବା । ଏଇ ତ ପ୍ରକୃତ ମଣିଷପଣିଆ, ପ୍ରକୃତ ବିଜ୍ଞଜନଙ୍କ ବିଶେଷତ୍ୱ, ନୁହେଁ କି ? ବିଗତ ପ୍ରାୟ ଏକ ଦଶନ୍ଧି ଧରି ସାରା ଦେଶରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଖଟିଖିଆ, ଦିନ ମଜୁରିଆମାନଙ୍କ ପାଇଁ ଯେଉଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକାରୀ କରି ତିରୋଟ ସମୟରେ ସେମାନଙ୍କ ହାତକୁ ବର୍ଷକୁ ଏକ ନିର୍ଦ୍ଦିଷ୍ଟ ଅବଧିର କାମଧନ୍ଦା ଯୋଗାଇ ଦେବା ସହିତ ପରିବାର ଚଳାଇବା ପାଇଁ ମଜୁରି ପ୍ରଦାନ କରୁଛନ୍ତି, ସେହି ଯୋଜନାର ପ୍ରମୁଖ ବିନ୍ଧାଣି ଥିଲେ ସ୍ୱର୍ଗୀୟ ଡକ୍ଟର ରଘୁବଂଶ । ଗଣିତ ଶାସ୍ତ୍ରରେ ପିଏଚ୍ ଡି ଡିଗ୍ରୀଧାରୀ ଡକ୍ଟର ରଘୁବଂଶ ଥିଲେ ଜଣେ ପ୍ରଫେସର । ରାଜନୀତିରେ ଦୀକ୍ଷିତ ହୋଇଥିଲେ କଂଗ୍ରେସ ସରକାର ବିରୋଧୀ ଜୟପ୍ରକାଶ ଆନ୍ଦୋଳନ କାଳରେ; ସତୁରି ଦଶକରେ ଜରୁରୀକାଳୀନ ପରିସ୍ଥିତି ସମୟରେ । ସମ୍ପ୍ରତି ବିହାରର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ସହିତ ଏକା ସମୟରେ ବିହାର ରାଜନୀତିରେ ସେ ନିଜର ପାଦ ଥାପିଥିଲେ; କର୍ପୂରୀ ଠାକୁରଙ୍କ ଶାସନ କାଳରେ ଏବଂ ଆଗକୁ ବଢ଼ିଥିଲେ । ଡକ୍ଟର ରଘୁବଂଶ ସବୁବେଳେ ସମାଜବାଦୀ ଶାଖାର ଜଣେ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହି ଆସିଥିଲେ, ଏପରିକି ମୃତ୍ୟୁର ମାତ୍ର ଦୁଇ ତିନିଦିନ ପୂର୍ବରୁ ସେ ଆର୍‌ଜେଡିରୁ ଇସ୍ତଫା ପ୍ରଦାନ କରିବା ନେଇ ନିଜର ଇସ୍ତଫା ପତ୍ର ତାଙ୍କର ପରମ ମିତ୍ର ଲାଲୁ ପ୍ରସାଦ ଯାଦବଙ୍କ ନିକଟକୁ ପଠାଇବା ପର୍ଯ୍ୟନ୍ତ ।

ଡକ୍ଟର ରଘୁବଂଶ ପାଞ୍ଚ ଥର ଲୋକସଭାର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ବିହାର ଓ କେନ୍ଦ୍ର ସରକାରରେ ଅନେକ ବାର ମନ୍ତ୍ରୀ ହୋଇଥିଲେ । ଗ୍ରାମାଞ୍ଚଳ ପ୍ରତି ତାଙ୍କର ଥିଲା ସ୍ୱତନ୍ତ୍ର ଭାବନା ଯେଉଁଥିପାଇଁ କ୍ଷମତାର କରିଡରରେ ତାଙ୍କୁ ଗ୍ରାମୀଣ ଭାରତର ସ୍ୱର ଭାବରେ ବିବେଚନା କରା ଯାଉଥିଲା । ଜଣେ ଉଚ୍ଚଶିକ୍ଷିତ ପେସାଦାର ବ୍ୟକ୍ତିବିଶେଷ ହେବା ସହିତ ରାଜନୀତିକ ଜୀବନର ଅଧିକାଂଶ ସମୟ କ୍ଷମତାର ଅଧିକାରୀ ଥିଲେ ସୁଦ୍ଧା ସେ କେବେହେଲେ ନିଜର ଗାଉଁଲି ସ୍ୱଭାବକୁ ପରିତ୍ୟାଗ କରି ନଥିଲେ । ଗ୍ରାମାଞ୍ଚଳର ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ବିଷୟରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ରହିଥିଲା । ତେଣୁ କ୍ଷମତାକୁ ଆସିବା ପରେ ସେ ଧୀରେ ଧୀରେ ଗ୍ରାମାଞ୍ଚଳର ଲୋକମାନଙ୍କ ଅବସ୍ଥାରେ ଉନ୍ନତି ଘଟାଇବା ପାଇଁ କାର୍ଯ୍ୟ କରିଥିଲେ । ତାଙ୍କର ତୃଣମୂଳ ସ୍ତରର ଧାରଣା ଏବଂ ଶିକ୍ଷାର ସଦୁପଯୋଗ ସହିତ ଅନ୍ୟମାନଙ୍କୁ, ବିଶେଷକରି କ୍ଷମତାରେ ଥିବା ପଦାଧିକାରୀମାନଙ୍କୁ ବୁଝାଇ ପାରିବାର ଦକ୍ଷତା ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ବିଶ୍ୱର ଅନ୍ୟତମ ବୃହତ୍ ସମାଜ କଲ୍ୟାଣ ଯୋଜନାକୁ କାର୍ଯ୍ୟରେ ପରିଣତ ହେବା ଦିଗରେ ପଥ ପରିଷ୍କାର କରିଥିଲା । ୟୁପିଏ ସରକାର ପ୍ରଥମ ଥର ପାଇଁ କ୍ଷମତାକୁ ଆସିବା ପୂର୍ବରୁ ନିର୍ବାଚନ ଇସ୍ତାହାରରେ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲା ଏବଂ ସେହି ଅମଳରେ କାର୍ଯ୍ୟକାରୀ କରା ଯାଇଥିବା ଏହି ଯୋଜନାକୁ ସେତେବେଳେ ବେଶ୍ କିଛି ସଂଖ୍ୟକ ନେତା ମଧ୍ୟ ବିରୋଧ କରିଥିଲେ, କାରଣ ସେମାନେ ଅନୁଭବ କରିଥିଲେ ଯେ ଏହି ଯୋଜନା ବିଶେଷ କିଛି ଉଲ୍ଲେଖନୀୟ ପରିଣତି ତ ଆଣିବାର ସମ୍ଭାବନା କ୍ଷୀଣ, ଓଲଟା ଏହା ରାଜକୋଷ ଉପରେ ବିପୁଳ ଆର୍ଥିକ ବୋଝ ଲଦିଦେବ ।

କହିବା ବାହୁଲ୍ୟ, ଆଜି ଏଇ ଯୋଜନା ଗ୍ରାମାଞ୍ଚଳର ଗରିବ ଅଧିବାସୀମାନଙ୍କର ଜୀବନ ରେଖା ପାଲଟିଛି । ଆଉ ଏବେ ମହାମାରୀ କୋଭିଡ୍-୧୯ର ମହାବିପତ୍ତି ସମୟରେ ତ ଏହା ଗ୍ରାମାଞ୍ଚଳର ଲୋକମାନଙ୍କ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ସହଜରେ ଉପସ୍ଥିତ ହେବାର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି । ଉଲ୍ଲେଖଯୋଗ୍ୟ ଯେ ସାମ୍ପ୍ରତିକ କେନ୍ଦ୍ର ସରକାର କ୍ଷମତାକୁ ଆସିବା ପୂର୍ବରୁ ମଧ୍ୟ ଏହି ଯୋଜନାକୁ ନେଇ ସେତେଟା ଉତ୍ସାହୀ ନଥିଲେ । ସେ ଯାହାହେଉ, ସମୟ ସହିତ କିନ୍ତୁ ସରକାର ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରିଥିଲେ ଏବଂ ଯୋଜନାକୁ ଅଧିକ ବଳିଷ୍ଠ କରିବା ପାଇଁ ବଜେଟ୍‌ରେ ଧୀରେ ଧୀରେ ଅଧିକ ଅର୍ଥ ବରାଦ କରିଥିଲେ । ଡକ୍ଟର ରଘୁବଂଶ ଥିଲେ ସେହି ନେତାମାନଙ୍କ ମଧ୍ୟରେ ଏମିତି ଜଣେ ନେତା, ଯେଉଁମାନେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନରୁଦ୍ଧାର ଆନ୍ଦୋଳନ ସହିତ ସଂଶ୍ଳିଷ୍ଟ ଥିବା ବେଳେ ରାଜନୀତିରେ ନେତୃତ୍ୱ ନେବାର ଭାର ମଧ୍ୟ ସୁକ୍ଷମ ଭାବରେ ସମ୍ଭାଳୁ ଥିଲେ । ଏହା ହେଉଛି ସେହି ସତୁରି ଦଶକର କଥା ଯେତେବେଳେ ଶାସନ କ୍ଷମତାରେ ଥିବା ବ୍ୟକ୍ତିଙ୍କ ବିରୋଧରେ ସ୍ୱରକୁ ଚାପି ଦିଆଯିବାକୁ ଦମନମୂଳକ ପଦକ୍ଷେପ ନିଆ ଯାଇଥିଲା, ଯେତେବେଳେ ଡକ୍ଟର ରଘୁବଂଶ ଚାହିଁଥିଲେ ରାଜନୀତିରୁ ବାହାରି ଅନ୍ୟ କୌଣସି ପନ୍ଥା ଆଦରି ନେଇ ପାରିଥାନ୍ତେ । କିନ୍ତୁ ନା; ସେ ତାହା କରି ନଥିଲେ । ବରଂ ସେ ସେହି ଲୋକମାନଙ୍କ ସହିତ ରହିଥିଲେ, ଯେଉଁମାନେ ଇତିହାସକୁ ବଦଳାଇବାକୁ ଉଦ୍ୟମ କରିଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ରାମରାଜ୍ୟ ଗଣତନ୍ତ୍ର ଉପରେ ପର୍ଯ୍ୟବସିତ ଥିବା ଅନେକେ କୁହନ୍ତି । ଗଣତାନ୍ତ୍ରିକ ଅଧିକାରର ପୁନରୁଦ୍ଧାର ପାଇଁ ସଂଘର୍ଷ ଅବଶ୍ୟ ମଝିରେ ମଝିରେ ମୁଣ୍ଡ ଟେକିବ, ଯେହେତୁ କୁହା ଯାଇଥାଏ ଯେ ଇତିହାସ କଡ଼ ଲେଉଟାଏ । ଆଉ ସେ ସମୟରେ ତତ୍କାଳୀନ ପିଢ଼ି ଯେ ଡକ୍ଟର ରଘୁବଂଶଙ୍କ ଆଦର୍ଶକୁ ସ୍ମରଣ କରିବ, ସେକଥା ଆଶା କରାଯାଇପାରେ, ଆଉ ତାହା ହିଁ ହେବ ଏହି ମହାନ୍ ଆତ୍ମାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ■